ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/COVID-19(OD)/235/15-05-2021**

# ପ୍ରେସ୍ ବିବୃତି

**ଭୁବନେଶ୍ୱର :୧୫ ମଇ, ୨୦୨୧**

- ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ପବିତ୍ର ଅକ୍ଷୟ ତୃତୀୟା ଏବଂ କୃଷକ ଦିବସ ଅବସରରେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ମାନ୍ୟବର ମୁଖ୍ୟମନ୍ତ୍ରୀ ଚାଷୀଭାଇମାନଙ୍କର ସୁଖ ଓ ସମୃଦ୍ଧି ସହ ପ୍ରଭୁ ଜଗନ୍ନାଥଙ୍କ କୃପାରୁ ଭଲ ଅମଳ କାମନା କରିଛନ୍ତି । ସରକାରଙ୍କ କୃଷି ବିକାଶ ଯୋଜନାଗୁଡ଼ିକର ସଫଳ ରୂପାୟନ କରି ଓଡ଼ିଶାକୁ ଏକ ଅଗ୍ରଣୀ ରାଜ୍ୟ କରିବା ପାଇଁ ମିଳିତ ଉଦ୍ୟମ ଜାରି ରଖିବାକୁ ସେ ଆହ୍ୱାନ ଦେଇଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ରାୟଗଡ଼ାର ବି ଭେଙ୍କଟେଶ୍ ନିଜେ ପ୍ଲାଜ୍ମା ଦାନ କରିବା ସହ ଅନ୍ୟ କୋଭିଡ୍-୧୯ରୁ ଆରୋଗ୍ୟ ବ୍ୟକ୍ତିମାନଙ୍କୁ ପ୍ଲାଜ୍ମା ଦାନ ପାଇଁ ଉତ୍ସାହିତ କରିଥିବାରୁ ତାଙ୍କୁ ପ୍ରଶଂସା କରିଛନ୍ତି । ଏପରି ପ୍ରୟାସ ପ୍ଲାଜ୍ମା ଥେରାପି ଦ୍ୱାରା ଅନ୍ୟମାନଙ୍କ ଜୀବନ ରକ୍ଷାରେ ସହାୟକ ହେବ ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ସଫଳତାର ସହ କୋଭିଡ୍-୧୯ ଉପରେ ବିଜୟ ଲାଭ କରିଥିବା ଭୁବନେଶ୍ୱରର ନବେ ବର୍ଷ ବୟସ୍କା ଅନ୍ନପୂର୍ଣ୍ଣା ବିଶ୍ୱାଳଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଓଡ଼ିଶା ମହାମାରୀର ଦ୍ୱିତୀୟ ଲହର ବିରୁଦ୍ଧରେ ସଂଗ୍ରାମ କରୁଥିବାବେଳେ ତାଙ୍କର ଏହି ବିଜୟ ଅନ୍ୟମାନଙ୍କୁ ଦୃଢ଼ ରହିବା ପାଇଁ ପ୍ରେରଣା ଯୋଗାଇବ ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ।

- ମୁଖ୍ୟ ଶାସନ ସଚିବ ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ର ଆଜି ରାଜ୍ୟରେ କୋଭିଡ୍ ସ୍ଥିତି ସଂପର୍କରେ ସୂଚନା ଦେଇ କହିଛନ୍ତି ଯେ ରାଜ୍ୟ ସରକାର ସାର୍ବଜନୀନ କୋଭିଡ୍ ଟିକାକରଣ ଲକ୍ଷ୍ୟରେ ୪ ମାସ ମଧ୍ୟରେ ୩.୮୦ ଲକ୍ଷ ଟିକା କ୍ରୟ ପାଇଁ ବିଶ୍ୱସ୍ତରୀୟ ଟେଣ୍ଡର ଆହ୍ୱାନ କରିଛନ୍ତି । ଏପରି ଅଭିଯାନ ଆରମ୍ଭ କରିବାରେ ଓଡ଼ିଶାକୁ ଦେଶର ପ୍ରଥମ ରାଜ୍ୟ ହୋପାରିଛି ।

  - ସେ କହିଛନ୍ତି ଯେ ଟିକାକରଣ, ଭିତ୍ତିଭୂମି ସଂପ୍ରସାରଣ ଓ ଭବିଷ୍ୟତ କୋଭିଡ୍ ଲହରୀ ବିରୁଦ୍ଧରେ ପ୍ରସ୍ତୁତି ଉପରେ ସହାୟତା ଓ ପରାମର୍ଶ ଦେବା ପାଇଁ ରାଜ୍ୟ ସରକାର ଡା. ଶ୍ରୀନାଥ ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ତଥା ଡା. ଦେବୀ ସେଟ୍ଟୀ ଓ ଡା. ରମାକାନ୍ତ ପଣ୍ଡାଙ୍କ ସମେତ ଅନ୍ୟାନ୍ୟ ଖ୍ୟାତନାମା ଡାକ୍ତର ଓ ବୈଜ୍ଞାନିକମାନଙ୍କୁ ନେଇ ଗୋଟିଏ ଉଚ୍ଚସ୍ତରୀୟ ଉପଦେଷ୍ଟା କମିଟି ଗଠନ କରିଛନ୍ତି ।

**'ଘରେ ରୁହନ୍ତୁ, ସୁରକ୍ଷିତ ରୁହନ୍ତୁ'**

- ଶ୍ରୀ ସଂଜୟ କୁମାର ସିଂହ, କମିଶନର, ଭୁବନେଶ୍ୱର ମହାନଗର ନିଗମ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ ମହାନଗର ନିଗମ ଅଞ୍ଚଳରେ ଟିକାକରଣ ପରୀକ୍ଷଣ ଓ ଅନ୍ୟାନ୍ୟ କୋଭିଡ୍‌ସଂପୃକ୍ତ କାର୍ଯ୍ୟକ୍ରମଗୁଡ଼ିକର ପରିସରକୁ ବିସ୍ତୃତ କରାଯାଇଛି । କୌଣସି ବ୍ୟକ୍ତି କୋଭିଡ୍ ସଂପର୍କିତ ଲକ୍ଷଣ ଦେଖିଲେ କିମ୍ବା କୌଣସି ସମସ୍ୟାରେ ପଡ଼ିଲେ ୨୪ ଘଣ୍ଟିଆ କଲ୍ ସେଣ୍ଟର ୧୯୨୯ ନମ୍ବରର ସହାୟତା ନେବା ପାଇଁ ସେ ଅନୁରୋଧ କରିଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି ଯେ ବରିଷ୍ଠ ନାଗରିକ, ବିଶେଷ କରି ଏକାକୀ ରହୁଥିବା ଲୋକମାନଙ୍କୁ ପରୀକ୍ଷଣ ତଥା ଟିକାକରଣ କେନ୍ଦ୍ରକୁ ନେବାଆଣିବା କରିବା ପାଇଁ ମଧ୍ୟ ମହାନଗର ନିଗମ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି ।

  - ଶ୍ରୀ ସିଂହ କୋଭିଡ୍ ପ୍ରତିରୋଧୀ ପଦକ୍ଷେପଗୁଡ଼ିକରେ ସହଯୋଗ କରୁଥିବାରୁ ସମସ୍ତ ଧନ୍ୟବାଦ ଜଣାଇଛନ୍ତି ଏବଂ କୋଭିଡ୍ ମାର୍ଗଦର୍ଶିକା ସମେତ ଲକ୍‌ଡାଉନ୍ ତଥା ସଟ୍‌ଡାଉନ୍ ନିୟମାବଳୀର କଠୋର ଅନୁପାଳନ ନିମନ୍ତେ ନିବେଦନ କରିଛନ୍ତି ।

- ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ତା'ର ତିନୋଟି ପ୍ରଶାସନିକ ପ୍ରଭାଗରେ ଉତ୍ସର୍ଗୀକୃତ ସାନିଟାଇଜେନ୍ ଯାନ ସହିତ ବ୍ୟାପକ ସ୍ୱଚ୍ଛତା ଅଭିଯାନ ଆରମ୍ଭ ହୋଇଛି । ଅଧିକ ସଂଖ୍ୟାରେ ସଂକ୍ରମିତ ରୋଗୀ ଥିବା ଅଞ୍ଚଳ ସାଙ୍ଗକୁ ହସ୍‌ପିଟାଲ୍, ଶ୍ମଶାନ ଓ ହାଟବଜାର ଅଞ୍ଚଳ ପରି ପ୍ରମୁଖ ସର୍ବସାଧାରଣ ସ୍ଥାନଗୁଡ଼ିକରେ ଏହି ସ୍ୱଚ୍ଛତା ଅଭିଯାନ ଜାରି ରହିଛି ।

**ସର୍ବଶେଷ ସ୍ୱାସ୍ଥ୍ୟ ସୂଚନା**

- ଗତକାଲି ମଧ୍ୟରାତ୍ରି ସୁଦ୍ଧା ଓଡ଼ିଶାରେ ୧,୦୮,୨୬,୩୧୪ ଟି ନମୁନା କୋଭିଡ୍-୧୯ ପରୀକ୍ଷା କରାଯାଇଛି ।
- ବର୍ତ୍ତମାନ ସୁଦ୍ଧା ସମୁଦାୟ ୬,୦୦, ୪୯୨ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି ।
- ୪,୯୧, ୬୭୪ ଜଣ ରୋଗୀ ସଂପୂର୍ଣ୍ଣ ସୁସ୍ଥ ହୋଇଛନ୍ତି/ଡାକ୍ତରଖାନାରୁ ଫେରିଛନ୍ତି ।
- ୨୨୯୪ ଜଣ କୋଭିଡ୍-୧୯ ରୋଗୀଙ୍କର ମୃତ୍ୟୁ ହୋଇଛି ।
- ସକ୍ରିୟ ଥିବା ସଂକ୍ରମିତଙ୍କ ସଂଖ୍ୟା ୧,୦୬,୪୭୧ରହିଛି ।

ମାନସ ରଞ୍ଜନ ଖୁଣ୍ଟିଆ
ସୂଚନା ଅଧିକାରୀ

**'ଘରେ ରୁହନ୍ତୁ, ସୁରକ୍ଷିତ ରୁହନ୍ତୁ'**